ପାଠ **– 5**

## ଆମ ଶରୀର

ମୁନ୍‌ନି ର ପଡିଯିବା


ରବିବାର ଅପରାହ୍‌ନ ସମୟ ର କଥା । ମୁନ୍‌ନି ଖାଇସାରି ଆରାମ ରେ ବିଛଣାରେ ଶୋଇଥିଲା । ଦିନ ସରି ଆସୁଥିଲା ତଥାପି ଶୋଇଥିଲା ।

ଅପ୍‌ପୁ ତା ହାତ ରେ ଗୋଟିଏ ପଖୀ ର ପର ଧରି ଓ ଆଖିରେ ମସ୍‌ତି ସହିତ ଧିରେ ଧିରେ ମୁନ୍‌ନି ଘରକୁ ପ୍‌ରବେଶ କଲା । ପ୍‌ରଥମେ ସେ ପରରେ ମୁନ୍‌ନି ର ହାତକୁ ଓ ଗୋଡକୁ ଗୁଦ୍ ଗୁଦି କରିବାକୁ ଲଗିଲା ।ମୁନ୍‌ନି ତଥାପି ଶୋଇଥିଲା ।

ସେ ମୁନ୍‌ନି ର ପାପୁଲି କୁ ଗୁଦ୍ ଗୁଦି କଲାପରେ ଟିକିଏ ହଲିଲା । ଫିର ସେ ମୁନ୍‌ନି ର ନାକ ରେ ଗୁଦ୍ ଗୁଦି କଲା ।

ଆ ...... ଆ...... ଅଚୋ ଓ ଓ ..... ଓ

ମୁନ୍‌ନି ର ଛିଂକ ରେ ଅପ୍‌ପୁ ର ହାତ ରେ ଥିବା ପର ଉଡିଗଲା । **"**ଅପ୍‌ପୁ କହିଲା" ଉଠ**,** ବାହାରକୁ ଖେଳିବାକୁ ଯିବା । ଦୁଇଜଣ ବାହାରେ ଥିବା ବରଗଛ ପାଖରେ ଖେଳିବାକୁ ଗଲେ । ମୁନ୍‌ନିକୁ ବରଗଛରେ ଲମ୍ବିଥିବା ଲତାକୁ ଧରି ଝୁଲିବାକୁ ମଜା ଲାଗେ ।



ସେ ମୂଳକୁ ଅଙ୍‌ଗୁଳି ରେ ଯୋରରେ ଧରିଥିଲା**,**

ଏବଂ ତାର ସମସ୍‌ତ ଶକ୍‌ତି ସହିତ ଗୋଡକୁ ହଲାଇଲା ।

ସେ ଆଣ୍ଠୁକୁ ବଂକା କଲା**,** ଗୋଡ ଆଙ୍‌ଗୁଳି କୁ କୁଣ୍ଡାଇଲା**,**

ସେ ଦୀର୍‌ଘ ନିଶ୍□ାସ ଛଡିଲା**,** ଏହା ନାକରେ ପୁରାଇଲା ।

ସେ ପିଠିକୁ ଝୁକାଇଲା**,** ପାଦକୁ ଉଚ୍‌ଚ କଲା । କହିଲା**,**

"ମୁ ପକ୍‌ଷୀମାନଂକୁ ଅଭିବାଦନ କରିବି**,** ମୁ ଆକାଶରେ

ପହଂଚିବି **।"**

ମୁନ୍‌ନି କୁ ଜୋର ଜୋର ରେ ଝୁଲିବା ଦେଖି ଅପ୍‌ପୁ କୁ ଈର୍‌ଷା ହୋଉଥିଲା । **"**ଅପ୍‌ପୁ କହିଲା" ମୁନ୍‌ନି**,** ତୁ ତ ସର୍‌କସ ରେ ହେବା କଥା । ତେବେ ମୁନ୍‌ନି ଜୋଶ ରେ ଆସି ଅଧିକ ଊଂଚା ଝୁଲିବାକୁ ଲାଗିଲା । ପରେ ଲତା ଟି ହାତରୁ ଖସିଗଲା ଓ ମୁନ୍‌ନି ଜୋରରେ ମୁହଁମାଡି ତଳେ ପଡିଗଲା ।

ପଡିଯିବା ପରେ ମୁନ୍ନି ର ଆଣ୍ଠ ଓ କହୁଣି ରୁ ରକ୍ତ ବୋହୁଥିଲା । ତାର ଥୋଡି [redacted]
ରେ ମଧ୍ୟ ।

ଖରୋଚ ହୋଇଥିଲା । ନ କନ୍ଦିବା ପାଇଁ ବହୁତ ପ୍ରୟାସ କରୁଥିଲା କିନ୍ତୁ ଆଖିରୁ ଲୁହ ବହୁଥିଲା ।

ଅପ୍ପୁ , ମୁନ୍ନିକୁ ଘରକୁ ମା ପାଖକୁ ଧରିଆସିଲା । ସେ ମୁନ୍ନିର ଘା କୁ ସଫା କରିବାରେ

ସାହାଯ୍ୟ କଲା ।

"ଏହି ରକ୍ତ କୋଉଠୁ ବାହାରୁଚି"**?** ଅପ୍ପୁ ପଚାରିଲା ।

"ଆମ ଶରୀରର ଛୋଟ ବଡ ନଳି ରୁ ରକ୍ତ ବାହାରେ, "ମା କହିଲେ, "ଆମ ଚର୍ମର ଭିତରେ ବହୁତ ପତଲା ପତଲା ନଳି ର ଜାଲ ଅଛି ଓ ଏଥିରେ ରକ୍ତ ବାହାରେ ।

"ପରଂତୁ ରକ୍ତ ଏହି ନଳି ରୁ କାହିକି ବାହାରେ **?**"

"ମୁନ୍ନି ର ଚର୍ମ କଟି ଯାଇଛି । ଏହା ସହିତ ପତଲା ନଳି ମଧ୍ୟ କଟି ଯାଇଛି । ସେଥିପାଇ ରକ୍ତ ବାହାରୁଛି ।"

" ଏହି ରକ୍ତ କେତେବେଲେ ବନ୍ଦ୍ ହେବ " **?**

" ଅପ୍ପୁ , ତମେ ବହୁତ ପ୍ରଶ୍ନ କର ; ଯାଅ, ମତେ ତୁଲା ଆଣିକି ଦିଅ ।"

ପରେ ମୁନ୍ନି ର ଯଂତ୍ରଣା କମିଯାଇଥିଲା ।

"ମୁନ୍ନି ପଚରିଲା, ଚର୍ମ ତଳେ ଆଉ କଣ ଅଛି **?**'

"ମାଂଶପେଶୀ, ଏହାକୁ ମାଂସ କହୁ ।"

"ଏବଂ ତା ତଳେ **?**"

"ହାଡ"

"ଏବଂ ତା ତଳେ **?**"

""କିଛି ନାହି । ହାଡ ସମ୍ପୁର୍ଣ ଶରୀରକୁ ସହାରା ଦିଏ ।"ମା ରୁମାଲ ଭିତରେ ନିଜ ହତ ଆଂଗୁଳି କୁ ଛୁପାଇ ହଲାଇଲେ ଲ " ଅରେ, ଓ୍ବେ ଲୋ ; ଇଏ ତ କଂଢେଇହୋଇଗଲା;""ହାଡ ଆମକୁ ଏହିପରି ସହାୟ୍ୟ କରେ । ହାଡ ବିନା ....", ମା ନିଜ ହାତ ରୁମାଲ ରୁ କାଢିନେଲେ । ପରେ ରୁମାଲ ଖୋକଲା ହୋଇ ତଳେ ପଡିଗଲା ।

ମୁନ୍ନି ଏବଂ ଅପ୍ପୁ ହସିବାକୁ ଲାଗିଲେ । ମା ତାଂକ ସବୁ ପ୍ରଶ୍ନର ଉତ୍ତର ଦେଲେନାହି ତଥାପି ଦୁହେଁ ସବୁ ଜିନିଷ କୁ ଦେଖି, ପଚରି ଏବଂ ପଢିକରି ଜାଣିବାକୁ ଚହୁଁଥିଲେ । ସେମାନେ ବାହାରକୁ ଯାଇ ଖେଳିବାକୁ ଚହୁଁଥିଲେ ।

ନିଜ ଶରୀରକୁ ଜାଣିବା

**1.** ଏମିତି କରି ଦେଖିବା

ଏମିତି କରି ଦେଖିବା । କୁହ, ଏମିତି କଲା ପରେ ତୁମେ ତୁମ ଶରୀରର କେଉଁ ଅଂଗ ର ପ୍ରୟୋଗ କର **?**

ଚାଲିବା, ଡିଆଁ ମାରିବା, ଦୌଡିବା,ଛୋଟ ଡିଆଁ, ରସିଡିଆଁ, ଘୋସାଡି ହେବା, ଆଣ୍ଠେଇହେବା, ଆଖି ଝପକାଇବା,□ିଂକ **(wink),** ନିଶ୍□ାସ ପ୍ରଶ୍□ାସ ନେବା, ସୁଂଘିବା, ଛିଂକିବା, ଖସିବା, ଫୁଂକିବା, ଚାବିବା, କାଟିବା, ଚାଟିବା ।

2. ଛୁଅ ଏବଂ ଅନୁଭବ କର




କୌଣସି ଏକ ପର କିମ୍ବା ରୁମାଲ ର କୋଣ କୁ ବତୀ ପରି ବନାଅ । ନିଜ ଆଖି ବନ୍ଦ୍ କର । ନିଜ ସାଂଗ କୁ

କୁ କୁହ ସେହି ପର କିମ୍ବା ରୁମାଲ ରେ ତୁମ ଶରୀରର କୌଣସି ଅଂଗକୁ ଧିରେ ଧିରେ ଛୁଇଁବାକୁ କୁହ ।

କଣ ତୁମକୁ ଶରୀରରେ କରୁଥିବା ସ୍ପର୍ଶ ଅନୁଭବ ହଉଅଛି କି **?**

ତୁମ ଶରୀରର କେଉଁ ଅଂଗକୁ ହାଲୁକା ଛୁଇଁଲେ ମଧ୍ଯ ତୁମକୁ ଜଣାପଡେ **?**

ତୁମ ଶରୀରର କେଉଁ ଅଂଗକୁ ଛୁଇଁଲେ ଜଣା ପଡେ ନାହି **?**





**3.** ସୁଂଘ ଓ ଚିଂହଟ କର


ନିଜ ଆଖି ବୁଜି ଅଲଗା ଅଲଗା ଜିନିଷକୁ ସୁଂଘ ଓ ଚିଂହଟ କର ।

ତୁମେ କେଉଁ ଜିନିଷ କୁ ଚିଂହି ପାରିବ **?**

ପାଣି, ଖିର, ବିଭିନ୍ନ ପକାର ଫଳ, ତୁମ ମନପସନ୍ଦ ଖାଦ୍ଯ, ପିଆଜ, ରସୁଣ, ମସଲା, ନୁଆ ବହି, ପୁରୁଣା ବହି, ନୁଆ ଖବରକାଗଜ, ପେନ୍ସିଲ୍, ରବର, କୌଣସି ଫୁଲ, ପତ୍ର, କିରୋସିନ, ଚମଡା......**।**







**4.** ଆଂଗୁଳି ର କଂଢେଇ




ଗୋଟିଏ ବଡ ରୁମାଲ ନିଅଂନ୍ତୁ । ନିଜ ହାତକୁ ସେ ଭିତରେ ଗୋଡାଇ ଦିଅ ।

ପରେ ତାକୁ ଦିଆଯାଇଥିବା ଚିତ୍ର ଅନୁସାରେ ଢିଲା କରି ବାଂଧଂନ୍ତୁ । ଜୋର ରେ ବାଂଧଂନ୍ତୁ ନାହି ।

ଅବେ ତୁମର ଆଂଗୁଠି ତିଆରି ହୋଇଗଲା । ନିଜ କଂଢେଇ କୁ ନଚାଅ , ସେହି ହାତକୁ ହଲାଅ,

ଆଗକୁ ଝୁକାଅ...।ତୁମର କଂଢେଇ ଆଉ କଣ କଣ କୌତୁକ କରିପାରେ ?



ଏବେ ନିଜ ହାତକୁ ରୁମାଲ ରୁ ବାହାର କର । ଏବଂ କୁହ କ୍ଣ ହେଲା ? ତୁମ ଶରୀରରେ ଏପରି କଣ ଅଛି


ଯାହାକି ତୁମକୁ ଠିଆ ହେବାପାଇ, ବସିବା ପାଇଁ, ଚଲିବା ପାଇଁଏବଂ ନାଚିବା ପାଇଁ ସାହାଯ୍ୟ କରେ ।



**5.** ତୁମେ ବଡ ହେଉଛ

ଅ. ତୁମ ସାଂଗମାନଂକ ଭିତରେ କିଛି ବଡ ଓ କିଛି ଓ କିଛି ସାନ ଥାଆଂତି । ତୁମ ସାଂଗ ସହିତ ପରସ୍ପରର ପାପୁଲିକୁ ଯୋଡାଅ । ତୁଳନା କରକି କାହା ପାପୁଲି ବଡ ଅଛି ? ଏହି ପ୍ରକାର ଆଂଗୁଳି ର ଲମ୍ବା, ବାହୁର ଲମ୍ବା, ପାଦ ର ଏବଂ ଗୋଡ ର ଲମ୍ବା ତୁଳନା କାର ।

ଆ. କର୍ମ୍ୟ ପୁସ୍ତିକା ରେ ନିଜ ପାପୁଲି କୁ ରଖି ପେନସିଲ ରେ ଚିତ୍ର କର । ସେହି ଦିନର ତାରିଖ ଲେଖ । ବର୍ଷର ଶେଷ ରେ ନିଜ ପପୁଲିକୁ ପୁଣି ଥରେ ସେହି ଚିତ୍ରରେ ରଖ । ଏହା ବରାବର ହଉଛିକି ନାହି ତଦାରଖ କର?




ଚିନ୍ତା କର ; ଚିନ୍ତା କର

ଜେମିତି ତୁମେ ବଡ ହୁଅ, ସେମିତି ଶରୀରର ମଂସପେଶୀ ବି ବଡ ହୁଏ । ଯେଉ ଜିନିଷ ରେ ଶରୀର ତିଆରି ହୁଏ, ସେହିସବୁ ବଡିଥାଏ । ଏହିସବୁ କେଉଁଠୁ ଆସେ ?

ମନେରଖିବା

ତୁମେ କେଉଁ ଜିନିଷ ରେ ତିଆରି

ଚର୍ମ



ତୁମ ଚର୍ମ ଶରୀରର ସମସ୍ତ ଅଂଗକୁ ଢାଂକି କି ରଖେ ଯେପରି ଆମ୍ବ ର ଛିଲକା ପୁରା ଆମ୍ବ କୁ ଢାଂକି କି ରଖେ । ଏହା ଜିବାଣୁ କିଟାଣୁ

ପ୍ରଭାବ ରୁ ରକ୍ଷା କରେ । ତୁମେ ଚର୍ମରେ ଜିନିଷ ଗୁଡିକ ଛୁଇଁ ଅନୁଭବ କରିପରିବ ।

ଶରୀରରେ ଏପରି କିଛି ଅଂଗ ଅଛି ଯାହାକି ଚର୍ମ ଦ୍□ାରା ଗୋଡାଯାଇ ନଥାଏ ।ସେ କେଉଁ ଭାଗ ଅଟେ **?**

ଶରୀରର ଏମିତି କେଉଁ ଅଂଗ ଅଛି ଯାହା କଟିଗଲେ ଅନୁଭବ ହୁଏ ନାହି **?**

ଖରୋଚ କିମ୍ବା ପଡିଯାଇ କଟିଗଲେ ଚର୍ମର ଉପର ଅଂଶ ଛିଲା ପଡିଯାଏ ।ଆପଣ ଚର୍ମର ପାଟି ଏବଂ ଗୋଲାପି ଭିତର ଅଂଶ

ଦେଖଂତି । ତେବେ ଚର୍ମର ଭିତରର ପତଳା ପରଦ ଦେଖାଯାଏ ।

ଏବଂ ଚର୍ମର ସେହି ପରଦ ତଳେ ମଂସପେଶୀ ଥାଏ ।

ମାଂସପେଶୀ

ମାଂଶପେଶୀ ଗୁଡିକ ଶରୀରର ମାଂଶୀଅ ଅଟେ ଏବଂ ମାଂଶ ତିଆରି କରେ । ନିଜ ଶରୀରର ମାଂଶପେଶୀ ଗୁଡିକୁ ଅନୁଭବ କର ।

ବାହୁର ଉପର ଏବଂ ନିମ୍ନ ଅଂଶ, ଜଂଘ ଓ ଗୋଡ କୁ ଛୁଇଁ ଅନୁଭବ କର । ମାଂସପେଶୀ ଶରୀରକୁ ହଲିବା ପାଇଁ ସାହାଯ୍ଯ୍ କରେ ।

ସର୍ବାଧିକ ମାଂସପେଶୀ ଜଂଘ ଏବଂ ଗୋଡରେ ଥାଏ । ମାଂସପେଶୀ ପୁରା ଶରୀରକୁ ହଲିବାକୁ ସାହାଯ୍ଯ୍ କରେ ।

ମାଂସପେଶୀ

ଚର୍ମ ହାଡ

ହାଡ

ହାଡ ଶରୀରର କଠିଣ ଅଂଶ ଅଟେ । ଶରୀରର କେତେ ଅଂଶରେ ତୁମେ

ହାଡକୁ ଛୁଇଁ ଅନୁଭବ କରିପାରିବ । ଯେପରି ରିସ୍ଟ **(wrist),** କହୁଣୀ**,** ବେକ

ଏବଂ ଆଂଠୁ । ଶରୀରର କେତେ ଅଂଶରେ ହାଡ ଏତେ ମୋଟା ଥାଏ ଯେ

ତାକୁ ଛୁଇଁଲେ ବି ଜଣାପଡେ ନାହି । କିନ୍ତୁ ସେଥିରେ ବି ହାଡ ଥାଏ । ଯଦି ତୁମ

ଶରୀରରେ ହାଡ ନ ଥାଂତା ତେବେ ତୁମେ ଚକଟିଲା

ଅଟା ଭଳି ଗୁଦାଲିଆ ଦିଶଂତି ।

ରକ୍ତ

ଯେତେବେଳେ ତୁମକୁ ଖଣ୍ଡିଆ ହୁଏ ସେତେବେଳେ ରକ୍ତ ବହେ । ରକ୍ତ ଆମ ଶରୀରରେ ପତଳା ପତଳା ନଳି ଗୁଡିକରୁ ପହଂଚେ ।

ହାଡର **joints**

ହାଡ ଗୁଡିକ କଠିଣ ଅଟେ । ଅମେ ଏହାକୁ ହଲାଇ ହଲାଇପାରିବାନି କିନ୍ତୁ ଯେଉ ପାଖରେ ଦୁଇଟି ହାଡର ମିଳନ ହୋଇଛି ସେଇଠି ମାଂସପେଶୀ ସାହାଯ୍ୟ ରେ ହଲାଇ ପାରିବା । ଯେଉଠିଦୁଇଟି ହାଡର ମିଳନ ହୋଇଛି ତାକୁ ଆମେ **Joint** ବୋଲି କହିଥାଉ ।

ନିଜ ଶରୀରର ଅଂଗ ଗୁଡିକୁ ଯେପରି ହାତ ଆଂଗୁଳି**,** ଗୋଡ ଆଂଗୁଳି**,** ବାହୁ**,** ଗୋଡ୍**,** ବେକ**,** ଅଣ୍ଟା କୁ ହଲାଅ । ଅନୁଭବ କର କି ଶରୀରର କେଉଁ କେଉଁ ଅଂଗ ଗୁଡିକର **Joint** ଅଛି **?**

ଶରୀରର ବୃଦ୍ଧି

ତୁମ ଶରୀର ପ୍ରତିଦିନ ବୃଧି ହୁଏ । ଯେଉ କପଡ ତୁମେ ଦୁଇ ବର୍ଷ ତଳେ ପିନ୍ଧୁଥିଲ ତାହା ଏବେ ଫିଟ୍ ହୁଏନାହିଁ । ସେଗୁଡିକ ଏବେ ଟାଇଟ କିମ୍ବା ଛୋଟ ହୋଇଯାଏ ।

ଯେତେବେଳେ ତୁମେ ଛୋଟ ଥିଲ ସେତେବେଳେ ପରିବାରର ସଦସ୍ୟ ମାନେ ତୁମକୁ ସହଜରେ ଉଠାଇ ଦେଉଥିଲେ । ବର୍ତ୍ତମାନ ତୁମକୁ ଉଠାଇ ଚାଲିବ ଏତେ ସହଜ ନୁହେଁ ।

ତୁମେ ନିଜର ନଖ ଏବଂ ବାଲ କାଟ କିନ୍ତୁ ତାହା ନିରନ୍ତର ବଢୁଥାଏ ।

ତୁମର ପ୍ରତ୍ୟେକ ଅଙ୍ଗ ବଢିଥାଏ । ତୁମର ହାଡ ବଢେ । ଚର୍ମ ଏବଂ ମାଂସପେଶୀ ବଢେ । ଏପରିକି ଶରୀର ବହୁତ ରକ୍ତ ତିଆରି କରେ ।

ଆସ**,** କିଛି ସବ୍ଦ ଶିଖିବା

ନିଜ ଶରୀରରେ ଥିବା ଏହି ଅଙ୍ଗଗୁଡିକ ଦେଖାଅ ।

| | | | | | | | | |
|---|---|---|---|---|---|---|---|---|
| ମୁଣ୍ଡ | ପିଠି | ବାହୁ | ଗୋଡ | ମୁହ | ଓଠ | ବାଲ | ଛତି | କହୁଣୀ |
| ଜଂଘ | କପାଲ | ଦାନ୍ତ | ବେକ | ଅଣ୍ଟା | ମଣିବନ୍ଧଆଣ୍ଠୁ | | ଆଖି | ଜିଭ |
| କାନ୍ଧ | ପେଟ | ହାତ | ଏଡି | କାନ | ଥୁଡି | ଟ୍ରଂକହିପ | | ଆଙ୍ଗୁଳି |

ଗୋଇଠି ମୁହଁ ନାକ ନଖ ପାଦ ପାଦ ଆଙ୍ଗୁଳି

[redacted]

ଙ. ଟୋକରି ଭିତରେ ମାଛ ଥିବା

ଚ. କାଗଜ ଚିକ୍କଣ ଅଟେ

ଛ. ଗୋଟିଏ ଟ୍ରକ ତୁମ ପଛପଟୁ ଯାଉଅଛି

ଜ. କୌଣସି ଲୋକଟି ରାସ୍ତାରେ ଯାଉଅଛି

ଝ. ବର୍ତ୍ତନ ଗରମ ଅଛି

ନ୍ୟ. ଡାଲିରେ ଲୁଣ ଅଧିକ ଅଛି

ଟ. ଜଣେ ଅଗରବତୀ ଜଳାଇଛି

ଠ. ଶୀତଳ ପବନ ବହୁଅଛି

**6.** ଶରୀରର ଏହି ଅଙ୍ଗଗୁଡିକ ଛୁଇଁ ହାଡ ଅଛି କି କୁହ **?**

ଗୋଡ**,** ପାପୁଲି**,** ଓଠ**,** କାନ**,** ମୁଣ୍ଡ**,** ପେଟ

କଣ ସମାନ **?** କଣ ଭିନ୍ନ **?**

**1.** ଏଥିରେ ଦୁଇଟି ସମାନତା ଏବଂ ଦୁଇଟି ଭିନ୍ନତା କୁହ **।**
ଅ. ବାହୁ ଓ ଗୋଡ
ଆ. ହାତର ଆଙ୍ଗୁଳି ଓ ଗୋଡର ଆଙ୍ଗୁଳି
ଇ. ମୁହଁ ଓ ନାକ
ଈ. ହାଡ ଓ ମଂସପେଶୀ

କୁହ ଏବଂ ଲେଖ

**1.** ଶିକ୍ଷ୍ୟକ କୁ କୁହନ୍ତୁ
ଅ. ତୁମେ ନିଜ ହତରେ କଣ କରେ
ଆ. ତୁମେ ନିଜ ଗୋଡରେ କଣ କରେ
ଇ. ତୁମେ ନିଜ ମୁହରେ କଣ କରେ **(**ତୁମେ ନିଜର ହାତ**,** ଗୋଡ**,** ମୁହ ଦ୍□ାରା ଦିନସାରା କଣ କଣ କର **?** ଚିନ୍ତାକର **;**

**2.** ମୋ କଂଢେଈ କଣ କଣ କରିପାରେ **?**

**(**ତୁମ ଆଙ୍ଗୁଳି ରେ ତିଆରି କଂଢେଈ କଣ କଣ କରିପାରେ **?** ଚିନ୍ତାକର **; )**

**3.** ତୁମକୁ ଖରୋଚ କିପରି ଲାଗିଲା କିମ୍ବ କିପରି ଝୁଂଟି ପଡିଲ

**(**କୁହ**,** କେଉଠି ଓ କିପରି ହେଲା **?** ତୁମକୁ କେଉଁ ସ୍ଥାନରେ କ୍ଷତ ହେଲା **? )**


ଆସ**,** ଶବ୍ଦ ସହ ଖେଳିବା

**1.** ଖାଲି ସ୍ଥାନରେ ସବ୍ଦକୁ ଭରି ପାଂଚ ପ୍ରକାରର ବାକ୍ୟ ତିଆରି କର **।**

ଅ. ମୁ ନିଜ ..................... ର ପ୍ରୟୋଗ ................................ କାଯ୍ୟ କରିବା ପାଇଁ କରେ **।**

ଆ. ମୋର ...............................ମୋର ...................................... କୁ .............................. ସହିତ ଯୋଡିରଖେ **।**

**2.** ଶବ୍ଦଜାଳ



**1**

**2** **3**

**4**

ବାମରୁ ଡାହାଣକୁ **–**

**1.** ଏହା ଆମ ଶରୀରରୁ ଟ୍ୟୁବ କୁ ପ୍ରବାହିତ ହୁଏ **।**
**2.** ଏପରି ସ୍ଥାନ ଯେଉଠି ଦୁଇଟି ହାଡ ମିଳିତ ହୁଏ **।**
**3.** ଶରୀରର ମାଂସ ଅଂଶ ଅଟେ **।** ସେମାନେ ଆମକୁ ହଲିବାରେ ସାହାଯ୍ୟ କରେ **।**

ପଚାର ଏବଂ ଖୋଜ

1. ଅନ୍ଧ ଲୋକ ନିଜ ରାସ୍ତା କିପରି ଖୋଜିପାରନ୍ତି ? କଣ ସେମାନେ ବହି ପଡିପାରନ୍ତି ?
2. ତୁମେ ଜଣିଥିବା ବ୍ଯକ୍ତିଂକ ସହ କଥା ହୁଅନ୍ତୁ, ଯିଏ ଶରୀରର କିଛି ଅଂଶ ବ୍ଯବହାର କରିପାରନ୍ତି  ନାହି । ସେ କିଛି ଜିନିଷ କୁ

ଭିନ୍ନ ଉପାୟରେ କରିବାକୁ ସିଖିଛନ୍ତି କି ନାହି ଏବଂ କିପରି ଖୋଜ ?

3. କଣ ତୁମେ ପଶୁମାନଂକ ମାଂସ ଖାଆନ୍ତି କି ?ଯଦି ଆପଣ ଖାନ୍ତି ନାହି ତେବେ ଜଣେ ବନ୍ଧୁକୁ ପଚାର ଯିଏ ଖାନ୍ତି ? ବିଭିନ୍ନ

ପ୍ରାଣୀ ମାନଂକ ବିଭିନ୍ନ ପ୍ରକାର ମାଂସପେଶୀ ଏବଂ ହାଡ ଅଛି କି ? ଶରୀରର ବିଭିନ୍ନ ଅଙ୍ଗରେ ବିଭିନ୍ନ ପ୍ରକାର ମାଂସପେଶୀ ଏବଂ


ହାଡ ଅଛି କି ?


ପ୍ରଶ୍ନ ପଚାର

1. ତୁମ ଶରୀର ବିଷୟରେ ପ୍ରଶ୍ନ ପଚାର । ତୁମେ କିପରି ଉତ୍ତର ଖୋଜିବାକୁ ଚେଷ୍ଟା କରିବ ଚିନ୍ତା କରନ୍ତୁ ।

ତୁମେ ଜାଣିଛ କି ?

- ତୁମ ମୁଣ୍ଡ ରେ ପ୍ରାୟ 100000  (ଏକ ଲକ୍ଷ୍ଯ ) କେଶ ଅଛି ।
- ତୁମ ଶରୀରର ଦୁଇ ତୃତୀୟାଂଶ ପାଣିରେ ତିଆରି । ଜଳ ତୁମ ଶରୀରର ଚର୍ମ, ମଂସପେଶୀ, ରକ୍ତ ଏପରିକି ହାଡର ଏକ ଅଂଶ ଅଟେ ।
- ତୁମ ଶରୀରର ସବୁଠାରୁ ଛୋଟ ହାଡ ତୁମ କାନରେ ଅଛି । ଯଦି ଏହା ତୁମ ଆଙ୍ଗୁଠି ରେ ରଖଯାଏ ତେବେ ଏହା କିପରି ଦେଖାଯିବ ।





- ତୁମ ଶରୀରର ଲମ୍ବା ହାଡ ତୁମ ଜଂଘରେ ଅଛି ।